**ରାଜ୍ୟ କାର୍ଯ୍ୟାଳୟରେ ବିଜେପି ନେତୃବୃନ୍ଦଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ**

# ରାଜ୍ୟ ସରକାରଙ୍କ ଗରୀବମାରଣ ନୀତି ଏବଂ କେନ୍ଦ୍ରୀୟ ଯୋଜନାକୁ ହଡପ ପ୍ରତିବାଦରେ ଜନ ଆନ୍ଦୋଳନ କରାଯାଇ ବ୍ୟାପକ ଜନଜାଗରଣ ସୃଷ୍ଟି କରାଯିବ : ବିଜେପି

- **"ସରକାରୀ ଚୋରୀ" କରିବାରେ ଶାସକ ବିଜେଡି ସିଦ୍ଧହସ୍ତ**
- **ଗରୀବମାରଣ ନୀତିକୁ ପ୍ରୋତ୍ସାହନ ଦେଉଥିବା ଶାସକ ବିଜେଡି କ୍ଷମତାରୁ ନ ହଟିବା ଯାଏଁ ରାଜ୍ୟର ବିକାଶ ଅସମ୍ଭବ**

**ଭୁବନେଶ୍ୱର, ତା.୦୫/୦୮ :** ରାଜ୍ୟରେ ଚାଲିଛି ଅଗଣତାନ୍ତ୍ରିକ ସରକାର । ଏଠି ଖୋଦ୍ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଭ୍ରଷ୍ଟାଚାର ଓ ଦୁର୍ନୀତିର ସର୍ଦ୍ଦାର । ରାଜ୍ୟରେ ମା' ଓ ଭଉଣୀମାନେ ଅସୁରକ୍ଷିତ । ଗରିବ ହିତାଧିକାରୀଙ୍କ ପାଖରେ ପହଂଚୁନି ସରକାରୀ ଯୋଜନା । ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ପରିବହନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଏବଂ କୃଷି ଆଦି ସମସ୍ତ କ୍ଷେତ୍ରରେ ରାଜ୍ୟସରକାର ଫେଲ୍ । ମୁଖ୍ୟମନ୍ତ୍ରୀ ଆତ୍ମ ପ୍ରଚାରରେ ବ୍ୟସ୍ତ । ବିଭ୍ରାନ୍ତିକାରି ବୟାନ ଏବଂ ମିଥ୍ୟା ପ୍ରତିଶୃତିକୁ ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଜ୍ଞାପନ ଦ୍ୱାରା ପ୍ରଚାର ଚାଲିଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ନୁହେଁ ବରଂ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଚାଲିଛି ଶାସକ ବିଜେଡି । ଏବେ ସମୟ ଆସିଛି ବିଜେଡିକୁ ଗାଦିଚ୍ୟୁତ କରି 'ସାଫ ନିୟତ-ସହି ବିକାଶ'କୁ ମୂଳ ମନ୍ତ୍ର କରିଥିବା ମୋଦୀ ସରକାରକୁ ଆପଣେଇବାର ।

ଆଗାମୀ ଦିନରେ ରାଜ୍ୟରେ ବିକାଶର ସୂର୍ଯ୍ୟୋଦୟ ମାଧ୍ୟମରେ ନୂଆ ଓଡିଶା ଗଠନ, ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନା ଦ୍ୱାରା କିପରି ସମସ୍ତ ହିତାଧିକାରୀଙ୍କ ପାଖରେ ପହଂଚିବ ଏବଂ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନୀ ରଣନୀତି ପ୍ରସ୍ତୁତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ରାଷ୍ଟ୍ରୀୟ ଯୁଗ୍ମ ସାଧାରଣ ସଂପାଦକ (ସଂଗଠନ) ସୌଦାନ ସିଂହ, ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ରାଜ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

ଏହି ବୈଠକରେ ରାଜ୍ୟ ସରକାରଙ୍କ ଗରୀବ ବିରୋଧୀ ଓ ଗରୀବମାରଣ ନିତି ବିରୁଦ୍ଧରେ ସଂଘର୍ଷର ବିଗୁଲ ବଜାଇବାର ନିଷ୍ପତି ନିଆଯାଇଛି । ଏପିଏଲ / ବିପିଏଲ ନିର୍ବିଶେଷରେ ସୌଭାଗ୍ୟ ଯୋଜନା ଅନ୍ତର୍ଗତ ରାଜ୍ୟରେ ୪୦ ଲକ୍ଷ ଗୃହକୁ ବିଜୁଳି ଯୋଗାଇ ଦେବାର ନିଷ୍ପତି ହୋଇଛି । ଏଥି ସହ ମୋଦୀ ସରକାରଙ୍କ ସମସ୍ତ ଜନହିତକଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ପହଂଚାଇ ପ୍ରକୃତ ହିତାଧିକାରୀଙ୍କୁ ଲାଭ ପହଂଚାଇବାର ନିଷ୍ପତି ନିଆଯାଇଛି ବୋଲି ବୈଠକ ସମାପ୍ତ ପରେ ରାଜ୍ୟ ବିଜେପିର ବରିଷ୍ଠ ନେତା ଶ୍ରୀ ପ୍ରତାପ ଷଡଙ୍ଗୀ ସୂଚନା ଦେଇ କହିଛନ୍ତି ।

ସମସ୍ତ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟରେ ଶାସକ ବିଜେଡି ଅତି ଚତୁରତାର ସହ ଚୋରୀ କରୁଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ଆବାସ ଯୋଜନା କିମ୍ବା କେବଳ ଆବାସ ଯୋଜନା କରି ମୂଳ ଯୋଜନାର ଚରିତ୍ର ମଧ୍ୟ ବଦଳାଇ ଦେଉଛନ୍ତି । ଏହା ନିଶ୍ଚିତ ଭାବେ ଅପରାଧ ଅଟେ । ପଣ୍ଡିତ ଦୀନଦୟାଲ ଗ୍ରାମ ଜ୍ୟୋତି ଯୋଜନା ଓ ସୌଭାଗ୍ୟ ଯୋଜନା ପାଇଁ ଆସିଥିବା ଅନୁଦାନର ୫ ପ୍ରତିଶତ ଅର୍ଥ ମଧ୍ୟ ରାଜ୍ୟ ସରକାର ଖର୍ଚ୍ଚ କରିପାରିନାହାନ୍ତି । କେବଳ କେନ୍ଦ୍ରୀୟ ଅବହେଳାର ଅଭିଯୋଗ କରୁଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ୩୪ ଲକ୍ଷ ହିତାଧିକାରୀଙ୍କ ତାଲିକା ରାଜ୍ୟ ସରକାର କେଉଁଠୁ ପାଇଲେ ? ଦୀର୍ଘ ୧୮ ବର୍ଷର ନିରଙ୍କୁଶ ଶାସନ ଏବଂ 'ଇନକ୍ଲୁଜନ / ଏକ୍ସକ୍ଲୁଜନ' ବ୍ୟବସ୍ଥା ରାଜ୍ୟ ସରକାରଙ୍କ ହାତରେ ଥିବା ସତ୍ତ୍ୱେ ଏତେ ଲମ୍ବା ତାଲିକା କେଉଁଠୁ ଆସିଲା ବୋଲି ପ୍ରଶ୍ନ ପଚାରିବା ସହ କେବଳ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ତୋଷଣ କରିବା ପାଇଁ ହୀନ ଉଦ୍ଦେଶ୍ୟ ରଖି ଏହି ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ଷଡଙ୍ଗୀ ଅଭିଯୋଗ କରିବା ସହ ଏହି ଦୁର୍ନୀତିର ତଦନ୍ତ ଦାବୀ କରିଛନ୍ତି ।



odisha.bjp.org BJP4Odisha YouTube Odisha BJPlive

'ସରକାରୀ ଚୋରୀ' କରିବାରେ ଶାସକ ବିଜେଡି ସିଦ୍ଧହସ୍ତ । ଶୌଚାଳୟ ନିର୍ମାଣ ଭଳି ଏକ ଲୋକାଭିମୁଖୀ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆସୁଥିବା ଅନୁଦାନ ଅର୍ଥକୁ ଶାସକ ବିଜେଡିର କର୍ମୀମାନେ ସରକାରୀ ଅଧିକାରୀମାନଙ୍କ ସହାୟତାରେ ହଡପ କରୁଛନ୍ତି । ମନରେଗା ଅର୍ଥକୁ ମଧ୍ୟ ଶାସକ ବିଜେଡିର ନେତା ଏବଂ କର୍ମୀମାନେ ମିଳିମିଶି ହଡପ କରୁଛନ୍ତି । ଏହା ଦ୍ୱାରା ସାଧାରଣ ଗରୀବ ହିତାଧିକାରୀ ନାନାଦି ହଇରାଣ ଶିକାର ହେବା ସହ ହନ୍ତସନ୍ତ ହେଉଛନ୍ତି । ଏହାକୁ କେନ୍ଦ୍ରୀୟ ଅବହେଳାର ନାମକରଣ କରି ଶାସକ ବିଜେଡି ନିଜ କର୍ତବ୍ୟରୁ ଓହରି ଯିବାର ଅପପ୍ରୟାସ କରୁଛି ବୋଲି ଶ୍ରୀ ଷଡଙ୍ଗୀ ଅଭିଯୋଗ କରିଛନ୍ତି ।

କେନ୍ଦ୍ର ସରକାର ସହ ସହଯୋଗ କରି ରାଜ୍ୟର ବିକାଶକୁ ତ୍ୱରାନିତ କରିବାକୁ ପଛଘୁଂଚା ଦେବା ସାଧାରଣ ରାଜ୍ୟବାସିଙ୍କୁ ମର୍ମାହତ କରୁଛି । ମାଁ ଓ ଭଉଣୀମାନଙ୍କ ସ୍ୱାସ୍ଥ୍ୟ ଏବଂ ପରିବେଶର ସୁରକ୍ଷା ପାଇଁ ଉଜ୍ଜଳା ଯୋଜନାକୁ ନିନ୍ଦା କରି ମନ୍ତବ୍ୟ ଦେବା ଅତ୍ୟନ୍ତ ଲଜ୍ଜାଜନକ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଓଡିଆ ପୁଅ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଢ ପ୍ରଚେଷ୍ଟା କାରଣରୁ ଆଜି ଏହି ଉଜ୍ଜଳା ଯୋଜନା ଦେଶ ସମେତ ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଛି । ଅନ୍ୟ ପଟେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ସହିନପାରି ରାଜ୍ୟରେ ଶାସକ ବିଜେଡି ଏଭଳି ଯୋଜନାକୁ ବିରୋଧ କରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଅସହିଷ୍ଣୁତାର ପରିଚୟ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।

ଗରୀବମାରଣ ନୀତିକୁ ପ୍ରୋତ୍ସାହନ ଦେଉଥିବା ଶାସକ ବିଜେଡି କ୍ଷମତାରୁ ନ ହଟିବା ଯାଏଁ ରାଜ୍ୟର ବିକାଶ ଅସମ୍ଭବ । ଗରୀବମାରଣକୁ ପ୍ରୋତ୍ସାହିତ କରୁଥିବା ଏଭଳି ଏକ ଅସମ୍ବେଦନଶୀଳ ସରକାରକୁ ତୁରନ୍ତ ଗାଦିଚ୍ୟୁତ କରିବାକୁ ଆଜିର ବୈଠକରେ ଏକ ନିର୍ଣ୍ଣାୟକ ଲଢେଇର ଡାକରା ଦିଆଯାଇଛି । ଏହି ଅପାରଗ ରାଜ୍ୟ ସରକାର ଗାଦିଚ୍ୟୁତ ନହେବା ପର୍ଯ୍ୟନ୍ତ ଏହି ଯୁଦ୍ଧ ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ହେବ । ଆଗାମୀ ଦିନରେ ଜନଜାଗରଣ ସୃଷ୍ଟି କରାଯିବା ସହ ରାଜ୍ୟ ସରକାରଙ୍କ ଗରୀବମାରଣ ନୀତି ଏବଂ କେନ୍ଦ୍ରୀୟ ଯୋଜନାକୁ ହଡପ ପ୍ରତିବାଦରେ ବ୍ୟାପକ ଜନ ଆନ୍ଦୋଳନ କରାଯିବାର ନିଷ୍ପତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**